# Akashvani, Sambalpur

## SAMBALPURI NEWS BULLETIN

### 28 January 2025- 6.47- 6.52 am.

*******************************************************

ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା I&PR

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା ସମ୍ମିଲନୀଥି ଯୋଗ୍ ଦେବାର୍ ଲାଗି ଆଏଜ୍ ଭୁବନେଶ୍ୱର ଆସ୍‌ବେ । ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ଠାନେ ଆଏଜ୍ ଆର୍ ଆଏବା କାଏଲ୍ ହେବାର୍‌କେ ଥିବା ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ୍‌କେ ପ୍ରଧାନମନ୍ତ୍ରୀ ଦିନର୍ ସାଢ଼େ ୧୦ ବଜେ ଉଦ୍‌ଘାଟନ୍ କର୍‌ବେ । କାର୍ଯ୍ୟକ୍ରମ୍ ଉଦ୍‌ଘାଟନ୍ ଆଘୋନୁ ପ୍ରଧାନ୍‌ମନ୍ତ୍ରୀ ବାର୍ତ୍ତା ଦେଇକରି କହିଛନ୍, ସର୍‌କାର୍‌ଙ୍କର୍ ମହତ୍ୱାକାଂକ୍ଷୀ ଅଭିଯାନ୍ ବିକଶିତ୍ ଭାରତ୍ ୨୦୪୭ ଲକ୍ଷ୍ୟ ପୂରଣ୍ କର୍‌ବାର୍ ଦିଗେ ଓଡ଼ିଶା ଗୁଟେ ବଡ଼ ଭୂମିକା ନେବା । ନିବେଶକ୍‌ମାନ୍‌କୁ ଆକୃଷ୍ଟ କର୍‌ବାର୍‌କେ ନେଇକରି ଓଡ଼ିଶାର୍ ନୀତି ସର୍‌କାର୍‌ଙ୍କର୍ ପୂର୍ବୋଦୟ ଭିଜନ୍‌କେ ଆଗ୍‌କେ ନେବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ମଏଧାନେ ହେବାର୍‌କେ ଥିବା

ସମ୍ମିଳନୀର୍ ଉଦ୍‌ଘାଟନୀ ଅଧିବେଶନ୍‌ଥି କେନ୍ଦ୍ର ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ମୁଖିଆ କୁନୁଆଁ ଭାବେ ଯୋଗ୍ ଦେବେ । ସମ୍ମିଳନୀଥି ରାଏଜେ ପାଖାପାଖି ୫ ଲାଖ୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ଲକ୍ଷ୍ୟ ରଖାଯାଇଛେ । ଦେଶ୍ ଆର୍ ବିଦେଶ୍‌ନୁ ଭିନ୍ ଭିନ୍ ଶିଳ୍ପସଂସ୍ଥାର୍ ୭ ହଜାର୍ ୫ ଶହ ନୁ ଅଏତ୍‌କା ଶିଳ୍ପ ପ୍ରତିନିଧି ଆର୍ ନିବେଶକ୍ ସମ୍ମିଳନୀଥି ଯୋଗ୍ ଦେବେ । ୩ ଟା ଅଧିବେଶନ୍‌ଥି ଷ୍ଟାର୍ଟଅପ୍ ଓଡ଼ିଶା, ସ୍କିଲ୍ ଇନ୍ ଓଡ଼ିଶା, ମହିଳା ଉଦ୍ୟୋଗୀଙ୍କର୍ ଭିତ୍‌ରେ ଆଲୋଚନା କରାଯିବା । ୨ ଦିନିଆ ସମ୍ମିଳନୀ ଉତ୍‌ରୁ ଆଏବା ୩୦ ତାରିଖ୍ ସାଧାରଣ ଲୁକ୍‌କର୍ ଲାଗି ପ୍ରଦର୍ଶନୀ ଖୁଲା ରହେବା ।

ପ୍ରଧାନ୍‌ମନ୍ତ୍ରୀ-ଓଡ଼ିଶାଗସ୍ତ        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର୍ ଓଡ଼ିଶା ଗସ୍ତ ଲାଗି କମିଶନରେଟ୍ ପୁଲିସ୍ ତର୍‌ଫୁ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଛେ । ରାଜ୍‌ଧାନୀକେ କଡ଼ା ସୁରକ୍ଷା ଘେର୍‌ଥି ରଖାଯାଇଛେ ବଲି ଭୁବନେଶ୍ୱର ଡିସିପି ପିନାକ ମିଶ୍ର ସୂଚ୍‌ନା ଦେଇଛନ୍ । ପ୍ରଧାନମନ୍ତ୍ରୀଙ୍କର୍ ସୁରକ୍ଷା ଲାଗି ୬୦ ପ୍ଲାଟୁନ୍‌ନୁ ଅଏତ୍‌କା ପୁଲିସ୍ ଫୋର୍ସ ଆଉ ୪ ଶହନୁ ଅଏତ୍‌କା ଅଧିକାରୀ ମୁତୟନ୍ ଅଛନ୍ ।

ଜାତୀୟ କ୍ରୀଡ଼ା ଉତ୍ସବ୍          ଆର୍‌ଏନ୍‌ୟୁ/ସମ୍ବଲପୁର

ଉତରାଖଣ୍ଡର ଡେରାଡୁନ୍ ଠାନେ ଆଏଜ୍ ୩୮ ନମ୍ବର୍ ଜାତୀୟ କ୍ରୀଡ଼ା ଉତ୍ସବ୍ ଉଦ୍‌ଘାଟନ୍ ହେବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଡେରାଡୁନ୍‌ର ମହାରାଣା ପ୍ରତାପ୍ କ୍ରୀଡ଼ା ମହାବିଦ୍ୟାଳୟ ଠାନେ ଜାତୀୟ କ୍ରୀଡ଼ା ମହାକୁମ୍ଭକେ ଉଦ୍‌ଘାଟନ୍ କର୍‌ବେ । ଫେବୃଆରୀ ୧୪ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ଜାତୀୟ କ୍ରୀଡ଼ା ଉତ୍ସବ୍‌ଥି ୩୫ ଟା ବର୍ଗଥି ଦେଶର୍ ୧୦ ହଜାର୍ ଖେଳାଳି ଭାଗ୍ ନେବେ । ଜାତୀୟ କ୍ରୀଡ଼ାର୍ ସିଧା ପ୍ରସାରଣ୍ ଦୂରଦର୍ଶନ୍ ନ୍ୟୁଜ୍ ଚେନାଲ୍‌ଥି ହେବା ।

ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା-ରାଜ୍ୟପାଲ୍       I&PR

ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ୍ ବିକଶିତ୍ ଭାରତ୍ ଗଠନ୍ ଦିଗେ ପ୍ରେରଣା ସାଜ୍‌ବା ବଲି ରାଜ୍ୟପାଲ୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଗଲାକାଏଲ୍ କନ୍‌ଫେଡ଼େରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି - ସିଆଇଆଇ ର ୟଙ୍ଗ ଇଣ୍ଡିଆନ୍ସ ଭୁବ୍‌ନେଶ୍ୱର୍ ଶାଖା ଆନୁକୂଲ୍ୟଥି ହେଇଥିବା ଅଧିବେଶନ୍‌ଥି ଯୋଗ୍ ଦେଇକରି

ରାଜ୍ୟପାଲ୍ କହିଛନ୍, ବିକଶିତ୍ ଓଡ଼ିଶା ଗଠନ୍ ଲାଗି ଉତ୍କର୍ଷ ଓଡ଼ିଶା ଗୁଟେ ସୁଯୋଗ୍ ବନାବା । ଓଡ଼ିଶା ନ କେତ୍‌ନିକେତେ ସମ୍ଭାବନା ରହିଛେ । ଇନର୍ ପ୍ରାକୃତିକ୍ ସମ୍ପଦ୍, ପର୍ଯ୍ୟଟନ୍, ବେଳାଭୂମି ଆର୍ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେବାର୍‌କେ ଆସୁଥିବା ନିବେଶକ୍‌ମାନ୍‌କୁ ଆକର୍ଷଣ୍ କର୍‌ବାର୍ ମାଧ୍ୟମ୍ ସାଜ୍‌ବା ବଲି ରାଜ୍ୟପାଲ୍ କହିଛନ୍ ।

ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା-ମୁଖ୍ୟମନ୍ତ୍ରୀ

ଆର୍‌ଏନ୍‌ୟୁ/ ସମ୍ବଲପୁର

ଶିଳ୍ପର୍ ଭିନ୍ ଭିନ୍ କ୍ଷେତ୍ରଥି ସଫଲତାର୍ ଗାଥା ଲେଖିକରି ଓଡ଼ିଶା ଇହାଦେ ଦେଶର୍ ବିକାଶ୍‌ଥି ବଡ଼ ଭୂମିକା ନଉଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ୍‌ର ଉଦ୍‌ଘାଟନ୍‌ର ଆଘୋନୁ ଭାରତୀୟ ଶିଳ୍ପ ମହାସଂଘ ସିଆଇଆଇର ଜାତୀୟ ପରିଷଦ୍ ବୈଠକ୍‌ଥି ନିବେଶକ୍‌ମାନ୍‌କୁ ଆହ୍ୱାନ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଓଡ଼ିଶାକେ ପୂର୍ବୋଦୟ ଆଧାର୍‌ଥି ୧ ନମ୍ବର୍ ନିବେଶ୍ ଠାନ୍ ଆର୍ ଦେଶର୍ ବିକାଶ୍‌ଥି ଅଗ୍ରଦୂତ କରାହେବା । ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ୍‌ଥି ଜାତୀୟ ଶିଳ୍ପ ଅଂଶୀଦାର୍ ଭାବେ

ସିଆଇଆଇର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶିଳ୍ପ ଅଂଶୀଦାର୍ ମାନ୍‌କର୍ ସାଙ୍ଗେ ମିଶିକରି ରାଜ୍ୟ ସର୍‌କାର୍ ବିକାଶ୍ ଦିଗେ କାମ୍ କର୍‌ବେ । ନିବେଶକ୍‌ମାନ୍‌କର୍ ଲାଗି ରାଜ୍ୟର୍ ସବୁ ଦୁଆର୍ ଖୁଲା ରହେବା ଆର୍ ଶିଳ୍ପ ଭିତିଭୂମି ଲାଗି ସର୍‌କାର୍ ବର୍‌କସ୍ ପାଣ୍ଠି ବରାଦ୍ କରିଛନ୍ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚ୍‌ନା ଦେଇଛନ୍ ।

କଂଟେଂଟ୍ କ୍ରିଏଟର୍ ପୁରସ୍କାର୍        ପି.ଆଇ.ବି.

ସାମାଜିକ୍ ଗଣମାଧ୍ୟମ୍‌ର କଂଟେଂଟ୍ କ୍ରିଏଟର୍, ଏନିମେସନ୍ ମେକର୍, ଗେମ୍ ଡେଭଲପର୍ ମାନ୍‌କର୍ ଲାଗି କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟ ତର୍‌ଫୁ ପୁରସ୍କୃତ୍ କରାଯିବା । ଭାରତ୍ ନ ହେବାର୍‌କେ ଥିବାର୍ ପହେଲା ବିଶ୍ୱ ଅଡ଼ିଓ ଭିଜୁଆଲ୍ ଏଂଟର୍‌ଟେନ୍‌ମେଂଟ୍ ସମିଟ୍- ୱେଭ୍‌ସ୍ ଆୟୋଜନ୍ ଆଘୋନୁ ମନ୍ତ୍ରଣାଲୟ ତର୍‌ଫୁ ଇ ପୁରସ୍କାର୍  ଘୋଷ୍‌ନା କରାଯାଇଛେ । କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ୍ ସୃଜନଶୀଳ କଂଟେଂଟ୍ ଫାର୍ମ ଆର୍ କଂଟେଟ୍ କ୍ରିଏଟର୍‌ମାନ୍‌କୁ ଭେଟ୍ କରାବାର୍ ଲାଗି ଗଲାକାଏଲ୍ ୱେଭ୍‌ସ୍ ବଜାର୍ ଶୁଭାରମ୍ଭ କରିକରି ପୁରସ୍କାର୍ ବାବ୍‌ଦେ ଘୋଷ୍‌ନା କରିଛନ୍ । ସର୍‌କାର୍‌ଙ୍କର୍ ଇ ପଦକ୍ଷେପ୍ ଭାରତ୍‌କେ  କଂଟେଂଟ୍ ବନାବାର୍ ଗୁଟେ ବିଶ୍ୱସ୍ତରୀୟ କେନ୍ଦ୍ର

ଭାବେ ପ୍ରତିଷ୍ଠିତ୍ କର୍‌ବା ଆର୍ କଂଟେଂଟ୍ କ୍ରିଏଟର୍ ମାନ୍‌କୁ ତହଁକାବା ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ ।

ତୀର୍ଥଯାତ୍ରୀ ଟ୍ରେନ୍ I&PR

ରାଜ୍ୟ ସର୍‌କାର୍‌ଙ୍କର୍ ତୀର୍ଥଯାତ୍ରା ଯୋଜ୍‌ନାଥି ଆଏଜ୍ ୫ ଟା ଜିଲ୍ଲାର୍ ୮ ଶହ ଝନ୍ ବରିଷ୍ଠ ନାଗରିକ୍ ୧୦ ଟା ତୀର୍ଥସ୍ଥାନ୍ ବୁଲ୍‌ବାର୍ ଲାଗି ଯିବେ । ଇ ଟ୍ରେନ୍ ବ୍ରହ୍ମପୁର୍ ରେଲ୍‌ଷ୍ଟେସନ୍ ନୁ ୧୧ ବାଜିକରି ୪୫ ମିନିଟ୍‌ଥି ବରିଷ୍ଠ ନାଗରିକ୍‌ମାନ୍‌କୁ ନେଇକରି ଯାତ୍ରା ମୁଲ୍ କର୍‌ବା । ତୀର୍ଥଯାତ୍ରୀ ଟ୍ରେନ୍ ବ୍ରହପୁର୍ ଠାନୁ ସିରିଡ଼ି-ନାସିକ୍‌କେ ଯାତ୍ରା କର୍‌ବା ବଲି ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସେଥିର୍‌ଭିତ୍‌ରେ ବୌଦ୍ଧନୁ ୫୫ ଝନ୍ ବରିଷ୍ଠ ନାଗରିକ୍ ରହିଛନ୍ ।

ଧାନ୍‌ଘିନା I&PR

ରାଏଜେ ଏବ୍‌ତକ୍ ୯ ଲାଖ୍ ନୁ ଅଏତ୍‌କା ପଞ୍ଜିକୃତ ଚାଷୀ ମଣ୍ଡିମାନ୍‌କେ ଧାନ୍ ବିକିଛନ୍ । ଇ ଖେଡ଼ର୍ ପଞ୍ଜିକୃତ ହେଇଥିବା ଚାଷୀମାନ୍‌କର୍ ଭିତ୍‌ରୁ ୫୦ ପ୍ରତିଶତ୍ ଧାନ୍ ବିକି ସାଏଲେନ ।

ଧାନ୍ ଘିନ୍‌ବାର୍ ଉତ୍‌ରୁ ସର୍‌କାର୍ ସର୍ବନିମ୍ନ ସହାୟକ ମୂଲ୍ୟ ବାବ୍‌ଦେ ୯ ହଜାର୍ ୬୯ କୋଟି ଟଙ୍କା ଆର୍ ଇନ୍‌ପୁଟ୍ ସାହାଜ୍ ବାବ୍‌ଦେ ୩ ହଜାର୍ ଶହେ ୫୪ କୋଟି ଟଙ୍କା ଚାଷୀମାନ୍‌କୁ ଦେଇସାରିଛନ୍ । ପର୍ଶ୍ଚିମ ଓଡ଼ିଶା ସହେତେ କେତେଟା ଜିଲ୍ଲାନୁ ଧାରିଜ୍ ଲକ୍ଷ୍ୟର୍ ୯୦ ପ୍ରତିଶତ୍ ଧାନ୍ ଘିନା ସର୍‌ଲାନ । ଆଉ କିଛି ଦିନ୍ ଭିତ୍‌ରେ ଧାନ୍ ଘିନା ପୁରା ଶେଷ୍ ହେବା ବଲି ଯୋଗାଣ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ଠାନେ ଆଏଜ୍ ବେଲ୍‌ବୁଡ଼ର ୮ ବାଜିକରି ୧୫ ମିନିଟ୍‌ଥି ଟିମ୍ ଗୋନାସିକା ଆର୍ ହାଇଦ୍ରାବାଦ୍ ତୋଫାନ୍ସ ଭିତ୍‌ରେ ମେଚ୍ ହେବା ।

ଗଲାକାଏଲ୍ ହେଇଥିବା ମେଚ୍‌ଥି ସୁର୍‌ମା ହକି କ୍ଲବ୍ ୫-୩ ଗୋଲ୍‌ଥି ବେଦାନ୍ତ କଲିଙ୍ଗ ଲାନ୍‌ସର୍ସନୁ ଜିତିଛେ । ସେନ୍ତା ସ୍ରାଚୀ ରାହ ବେଙ୍ଗଲ୍ ଟାଇଗର୍ସ ୨-୧ ଗୋଲ୍‌ଥି ଦିଲ୍ଲୀ ଏସ୍.ଜି. ପାଇପର୍ସ ଠାନୁ ଜିତିଛେ ।